


**ଏଚଆଇଭି/ଏଡସ ହୋଇଥିବା ରୋଗୀ ମାନଙ୍କ ପାଇଁ କଣ କରିବା ଦରକାର?**

୧. HIV/AIDS ପରି ରୋଗକୁ ମନ ଭିତରେ ଘର କରିବାକୁ ଦିଅନ୍ତୁ ନାହିଁ ।

୨. ରୋଗୀଙ୍କ ସହିତ ସାଧାରଣ ଲୋକଙ୍କ ପରି ହିଁ ବ୍ୟବହାର କରନ୍ତୁ ।

୩. ରୋଗୀଙ୍କୁ ଯୋଗ ଅଭ୍ୟାସ, ପ୍ରାଣାୟମ ପାଇଁ ପ୍ରେରଣା ଦିଅନ୍ତୁ ଏବଂ କରିବାରେ ସାହାଯ୍ୟ କରନ୍ତୁ ।

୪. ଖାଦ୍ୟ ପାନୀୟ ଉପରେ ଧ୍ୟାନ ଦିଅନ୍ତୁ । ପୁଷ୍ଟିକର ଖାଦ୍ୟ ପଦାର୍ଥ ହିଁ ଦିଅନ୍ତୁ ।

୫. ରୋଗୀକୁ ନିଜ ରୋଗ ବିଷୟରେ ଶୋଚନା ବା ଚିନ୍ତା କରିବାକୁ ଦିଅନ୍ତୁ ନାହିଁ ।

୧୯୮୧ ମସିହାରୁ ଆଜି ପର୍ଯ୍ୟନ୍ତ, ସାରାବିଶ୍ୱରେ ପ୍ରାୟ ୨୫ କୋଟି ଲୋକଙ୍କର ଏଡସ ପରି ରୋଗ ଯୋଗୁଁ ମୃତ୍ୟୁ ହୋଇଯାଇଛି । ଭାରତ ରେ ଏଚଆଇଭି/ଏଡସ ର ଥିବା କଥା ୧୯୮୬ ରେ ଚିକିତ୍ସା ବିଜ୍ଞାନୀ ମାନଙ୍କର ପରୀକ୍ଷା ଦ୍ୱାରା ଜଣାପଡିଲା । ଭାରତରେ ପ୍ରାୟ ୨.୩୧ କୋଟି ଲୋକ ଏହି ରୋଗ ଦ୍ୱାରା ଆକ୍ରାନ୍ତ ବା ସଂକ୍ରମିତ ଯେଉଁଥିରେ ମହିଳା ଙ୍କ ସଂଖ୍ୟା ପ୍ରାୟ ୪୦% ପିଲାମାନଙ୍କ ସଂଖ୍ୟା ପ୍ରାୟ ୩.୫% ଥିବା ବେଳେ ଅବଶିଷ୍ଟ ପୁରୁଷ ବୋଲି ଜଣାପଡିଛି । ଆଜି ପର୍ଯ୍ୟନ୍ତ ଭାରତ ବର୍ଷରେ ପ୍ରାୟ ଚାରି ଲକ୍ଷ ରୁ ଅଧିକ ଲୋକ ଏହି ରୋଗ ଯୋଗୁଁ ମୃତ୍ୟୁ ବରଣ କରି ସାରିଛନ୍ତି । HIV/AIDS ପୁରା ନାମ ଏହିପରି ଅଟେ:-

**ହ୍ୟୁମାନ ଇମ୍ୟୁନୋଡେଫିସିଏନ୍‌ସି ଭାଇରସ**
**ଆକ୍ୱାୟାର୍ଡ ଇମ୍ୟୁନି ଡେଫିସିଏନ୍‌ସି**
**ସିଣ୍ଡ୍ରୋମ**
**"ସଂଯମ, ସୂଚନା, ସଚେତନତା ହିଁ**
**ଏଚଆଇଭି/ଏଡସର ଚିକିତ୍ସା ଅଟେ ।"**


**ମୁଖ୍ୟ କାର୍ଯ୍ୟାଳୟ:**
୨୫୨, ନଜର ସିଂହ ପ୍ଲେସ, ଦ୍ୱିତୀୟ ମହଲା, ପ୍ଲଟ ନମ୍ବର, ଏସ-୧୧,
ସନ୍ତ ନଗର, ନୂଆ ଦିଲ୍ଲୀ-୧୧୦୦୬୫
ଦୂରଭାଷ: ୦୧୧-୨୬୨୩୮୪୪୪, ଫାକ୍ସ: ୦୧୧-୬୬୬୨୦୫୫୨
ମୋବାଇଲ ନମ୍ବର: ୦୯୩୧୩୭୪୮୬୭୮, ୦୯୨୧୩୭୮୩୫୭୯
ଇମେଲ: info@navjivanfoundation.org
navjivanfoundation@gmail.com
ବେବସାଇଟ: www.navjivanfoundation.org

ଉତ୍ତର ପ୍ରଦେଶ ଶାଖା: ନବଜୀବନ ଫାଉଣ୍ଡେସନ
୫୩୩, ବାହାଦୁରଗଁଜ (ସାହବଗଁଜ)
ଫେଜାବାଦ-୨୨୪୦୦୧, ଉତ୍ତର ପ୍ରଦେଶ

ଓଡ଼ିଶା ଶାଖା: ସୋରା କଲେଜ ଛକ
(ଅନୁକୂଳ ଚନ୍ଦ୍ର ଆଶ୍ରମ ପାର୍ଶ୍ୱବର୍ତ୍ତୀ)
ସୋର, ବାଲେଶ୍ୱର-୭୫୩୦୪୫, ଓଡ଼ିଶା

ଓଡ଼ିଶା ଶାଖା: ଭଦ୍ରକ ଜିଲ୍ଲା
ହାଇସ୍କୁଲ ପାଖ, ବଙ୍କସାହି
ଭଦ୍ରକ - ୭୫୬୧୦୦, ଓଡ଼ିଶା


ରେଜିଷ୍ଟ୍ରେସନ ନମ୍ବର ୭୪୦୨/୪

**ସେବା ହିଁ ଧର୍ମ ଅଟେ!!!**

# ନବଜୀବନ ଫାଉଣ୍ଡେସନ

NAVJIVAN FOUNDATION

## ନବଜୀବନ ଫାଉଣ୍ଡେସନ

**ଗରୀବ ନିରାଶ୍ରୟ ଲୋକମାନଙ୍କର ସେବା ହିଁ ଈଶ୍ୱର ସେବା!!!**



सबुलोक भगवानङ्कु मन्दिर, मसजिद, गीर्जा रे खोजिथाआन्ति किन्तु ताङ्कु भगवान केउँठि बि मिलिनथाआन्ति । मानव सेवा द्वारा हिँ भगवान प्राप्त होइथाआन्ति ।
निराश्रय लोक मानङ्कर सेवा करि भगवानङ्कु प्राप्त करन्तु एवं एहि धरापृष्ठ कु स्वर्ग रे परिणत करन्तु ।

## ଏଡସ ଉପରେ ସଚେତନତା

ଆଜିର ସମୟରେ ସବୁଠାରୁ ଅଧିକ ବିପଦଜନକ ରୋଗ, ଯାହାକି ସମଗ୍ର ବିଶ୍ୱର ଲୋକମାନଙ୍କ ମନରେ ଭୟ ଓ ଡର ସୃଷ୍ଟିକରି ରଖିଛି । ସାରା ସଂସାରରେ ପ୍ରାୟ ୩୩ କୋଟି ରୁ ଅଧିକ ଲୋକ ଏହି ରୋଗରେ ପିଡିତ । ଯେଉଁ ରୋଗର ନାମ ଶୁଣି ଲୋକମାନଙ୍କର ଶରୀର କମ୍ପି ଉଠୁଛି, ସେହି ରୋଗକୁ ଚିକିତ୍ସା ବିଜ୍ଞାନ ରେ ଏଡସ କୁହାଯାଏ । ଚିକିତ୍ସା ବିଜ୍ଞାନ ଦ୍ୱାରା ୧୯୮୦ ମସିହାରେ ଏହି ରୋଗ ବିଷୟରେ ଜଣା ପଡିଥିଲା ତଥା ଚିକିତ୍ସା ଅନୁସନ୍ଧାନ ଓ ଗବେଷଣା ମାଧ୍ୟମରେ ଏହି ରୋଗ ର ସତ୍ୟତା ପ୍ରକାଶିତ ହେଲା । ଚିକିତ୍ସା ବିଜ୍ଞାନ ଅନୁଯାୟୀ ପ୍ରତ୍ୟେକ ମଣିଷର ଶରୀରରେ ସୁସ୍ଥ ରହିବା ପାଇଁ କୌଣସି ବି ରୋଗ ସହ ଲଢିବା ପାଇଁ ଏକ ଶକ୍ତି (ରୋଗ ପ୍ରତିରୋଧକ କ୍ଷମତା) ଥାଏ, ଯାହା ଫଳରେ କି ମନୁଷ୍ୟ ଶରୀର ରେ ବାହାର ଜୀବାଣୁ ଆକ୍ରମଣ କରିପାରନ୍ତି ନାହିଁ । କିନ୍ତୁ HIV (ଏଚଆଇଭି) ନାମକ ଭୁତାଣୁ, ଯଦି ସୁସ୍ଥ ଶରୀର ମଧ୍ୟକୁ ପ୍ରବେଶ କରନ୍ତି, ତେବେ ଏହା ସର୍ବପ୍ରଥମେ ଶରୀରର ରୋଗ ପ୍ରତିରୋଧକ ଜୀବକୋଷ ଗୁଡିକୁ ନଷ୍ଟ କରିଦିଏ । ଯାହାଫଳରେ କି ଶରୀରରେ ବିଭିନ୍ନ ପ୍ରକାରର ରୋଗ ଦେଖାଦିଏ । ଏବଂ ଏହି ରୋଗ ସବୁ ଶୀଘ୍ର ଠିକ୍ ହୋଇ ନଥାଏ ।

**ଲକ୍ଷଣ:-** କୌଣସି ବ୍ୟକ୍ତିକୁ ଯଦି ଗୋଟିଏ ରୋଗ ବାରମ୍ବାର ହୋଇ ଥାଏ, ତଥା ଚିକିତ୍ସା ପରେ ମଧ୍ୟ ଠିକ୍ ହେଉନଥାଏ ଅଥବା ଠିକ୍ ହୋଇ ସାରି ମଧ୍ୟ ପୁଣିଥରେ ସେହି ରୋଗ ହୋଇଥାଏ ତେବେ ଏ ପ୍ରକାର ଲକ୍ଷଣ ଏଚଆଇଭି ର ଲକ୍ଷଣ ହୋଇଥାଏ । ଏହି ରୋଗର ପ୍ରଥମ ପର୍ଯ୍ୟାୟ କୁ ଇଂରାଜୀ ଭାଷାରେ ଅପରଚ୍ୟୁନିଷ୍ଟିକ୍ ଇନଫେକଶନ କୁହାଯାଏ । ଏହା ରୋଗର ପ୍ରାରମ୍ଭିକ ପର୍ଯ୍ୟାୟ ଅଟେ । ଯାହାଦ୍ୱାରା ଶରୀରର ରୋଗ ପ୍ରତିରୋଧି କ୍ଷମତା ଧିରେ ଧିରେ କମ୍ ହେବାରେ ଲାଗେ ଯଦି ଏହି ପ୍ରକାରର ଲକ୍ଷଣ କୌଣସି ବ୍ୟକ୍ତିଙ୍କ ଠାରେ ଦେଖିବାକୁ ମିଳେ, ତେବେ ତୁରନ୍ତ ଚିକିତ୍ସକଙ୍କ ପରାମର୍ଶ କ୍ରମେ ଏଚ୍ଆଇଭି ଯାଞ୍ଚ କରାଇ ନିଅନ୍ତୁ ।

**ଏଚଆଇଭି/ଏଡସ କେମିତି ବ୍ୟାପିଥାଏ?**

୧. ଅସୁରକ୍ଷିତ ଯୌନ ସମ୍ବନ୍ଧ ଦ୍ୱାରା ।

୨. ଯୌନ ସମ୍ବନ୍ଧି ସ୍ତ୍ରୀ ବା ପୁରୁଷ ଦ୍ୱାରା ।

୩. ଜଣେ ସଂକ୍ରମିତ ବ୍ୟକ୍ତିଙ୍କ ଠାରୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ରକ୍ତ ସ୍ଥାନାନ୍ତରଣ ଦ୍ୱାରା ।

୪. ସଂକ୍ରମିତ ଶରୀରରେ ପ୍ରୟୋଗ ହୋଇଥିବା ଇଞ୍ଜେକସନ ଛୁଞ୍ଚ ଦ୍ୱାରା ।

୫. ଏଡସ ସଂକ୍ରମିତ ମା' ଠାରୁ ଜନ୍ମିତ ଶିଶୁ ଠାରେ ସଂକ୍ରମଣ ଦେଖା ଯାଏ ।

**ଏଚଆଇଭି/ଏଡସ କେମିତି ବ୍ୟାପିନଥାଏ?**

୧. ହାତ ମିଳାଇବା ଦ୍ୱାରା ।

୨. ଚୁମ୍ବନ ଦ୍ୱାରା ।

୩. ଗୋଟିଏ ଶୌଚାଳୟ ବ୍ୟବହାର କରିବା ଦ୍ୱାରା ।

୪. ଏକାଠି ରହିବା, ବୁଲାବୁଲି କରିବା ଦ୍ୱାରା ।

୫. ମିଳିମିଶି ଖାଇବା, ପିଇବା ଶୋଇବା ଇତ୍ୟାଦି କରିବା ଦ୍ୱାରା ।

୬. ପରସ୍ପର ମିଶି ବ୍ୟବହାର କରୁଥିବା କପ୍, ଗ୍ଲାସ, ଲୁଗାପଟା, ଶେଯ ପଟା ଓ ସାବୁନ ଇତ୍ୟାଦି ଦ୍ୱାରା ଏହା ବ୍ୟାପି ନଥାଏ ।

**ଏଚଆଇଭି/ଏଡସ ର ନିବାରଣ**

୧. କେବଳ ଜଣଙ୍କ ସହିତ ହିଁ ଶାରିରୀକ ସମ୍ବନ୍ଧ ସ୍ଥାପନ ।

୨. ଯୌନ ସମ୍ବନ୍ଧ ସମୟରେ କଣ୍ଡୋମ ବ୍ୟବହାର କରିବା ।

୩. ଜୀବାଣୁ ମୁକ୍ତ ଛୁଞ୍ଚି ବା ସିରିଞ୍ଜ ପ୍ରୟୋଗ କରିବା । (ଡିସ୍ପୋଜେବଲ ସିରିଞ୍ଜ) ।

୪. ବିନା ପରିକ୍ଷା ହୋଇଥିବା ରକ୍ତ ଅନ୍ୟ କାହାକୁ ଦିଅନ୍ତୁନାହିଁ ବା ଦେବାକୁ ପେରିତ କରନ୍ତୁ ନାହିଁ ।

୫. ଜଣେ ଖିଅର ହୋଇଥିବା ବ୍ଲେଡ କୁ ଅନ୍ୟଜଣଙ୍କୁ ବ୍ୟବହାର ପାଇଁ ଦିଅନ୍ତୁ ନାହିଁ ।

**ସଚେତନତା ର ପ୍ରଚାର କରିବା**

(୧) HIV/AIDS ରୋଗୀ ସହିତ ଖରାପ ବ୍ୟବହାର କରିବା ଅନୁଚିତ ।

(୨) ଚିକିତ୍ସା ପାଇଁ ଚେଷ୍ଟା କରିବା ।

(୩) ଏଡସ ବିଷୟରେ ଲୋକମାନଙ୍କୁ ବିସ୍ତାର ଭାବେ ବୁଝେଇବା ।

(୪) ବେଶ୍ୟାଳୟରେ ଏଡ୍ସ ବିଷୟରେ କହିବା ଏବଂ ସେମାନଙ୍କୁ ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ସଚେତନ କରିବା ।

(୫) ବିନା କଣ୍ଡୋମରେ ଶାରିରୀକ ସମ୍ବନ୍ଧନ ନରଖିବା ।

**ଉପଚାର/ଚିକିତ୍ସା**

ଏଡସର ପ୍ରଥମ ସ୍ତର ଯାହାକୁ ଏଚଆଇଭି ସଂକ୍ରମଣ ହୋଇଥାଏ ତାର ଉପଚାର କରି ଏଡସକୁ ବ୍ୟାପିବାରୁ ନିବୃତ୍ତ କରାଯାଇପାରେ ଯାହାକୁ ଚିକିତ୍ସା ବିଜ୍ଞାନ ଭାଷାରେ ଆଣ୍ଟିରିଟ୍ରୋଭାଇବାଲ ଟ୍ରିଟମେଣ୍ଟ କୁହାଯାଏ । ଯଦି ପ୍ରଥମ ସ୍ତରରେ ସକ୍ରମଣର ଚିକିତ୍ସା କରାନଯାଏ, ତେବେ ଏହା ଏଡସର ରୂପ ଧାରଣ କରିଥାଏ, ଏଡସ ହୋଇଯିବା ପରେ ବ୍ୟକ୍ତିର ଚିକିତ୍ସା ଏବଂ ସୁରକ୍ଷିତ ରହିବା ଅସମ୍ଭବ ହୋଇଯାଏ ।

ଆୟକର ନିର୍ଦ୍ଧେଶାଳୟ ର ନିର୍ଦ୍ଧେଶକ ଓ ଆୟକର ଅଧିକାରୀ ରୁ ନୂଆଦିଲ୍ଲୀଙ୍କର ନିର୍ଦ୍ଧେଶନୁସାରେ ଆୟକର ନିୟମ ର ଧାରା 80G ଅଧିନରେ ଆୟକର ରୁ ବହିର୍ଭୂତ ।
ବିଦେଶୀ ଯୋଗଦାନ (ଅଧିନିୟମ) ଆଇନ୍ 1967 ଅଧିନରେ ପଞ୍ଜୀକୃତ FCRA ନମ୍ବର-231660980